# NATIONAL NEWS BULLETIN (ODIA)

## 12 December - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଲାଗି ମିଳିତ ଭାବେ କାର୍ଯ୍ୟ କରିବାକୁ ନିଜର ପ୍ରତିବଦ୍ଧତା ଦୋହରାଇଲେ ଭାରତ ଓ ଆମେରିକା ।
- କୋଭିଡ୍ ମହାମାରୀ ସମୟରେ କର୍ତ୍ତବ୍ୟରତ ଡାକ୍ତରଙ୍କ ପରିବାରବର୍ଗ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୫୦ ଲକ୍ଷ ଟଙ୍କାର ବୀମା ରାଶି ପାଇପାରିବେ ବୋଲି ସୁପ୍ରିମ୍‌କୋର୍ଟ୍ ନିର୍ଦ୍ଦେଶ ।
- ଇମ୍ଫାଲ୍ ସ୍ଥିତ ନୁପି ଲାଲ୍ ସ୍ମାରକୀ ସ୍ଥଳୀରେ ବୀର ମହିଳା ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ଆଜି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବେ ରାଷ୍ଟ୍ରପତି ।
- ମଧ୍ୟପ୍ରଦେଶକୁ ନକ୍ସଲମୁକ୍ତ ରାଜ୍ୟ ଭାବେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ।

ଏବଂ

- ଚଣ୍ଡିଗଡ଼ ଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଭାରତକୁ ୫୧ ରନ୍‌ରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା ।

## ପିଏମ୍-ୟୁଏସ୍ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହିତ ଟେଲିଫୋନ୍ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହି ଶ୍ରୀ ମୋଦୀ କହିଛନ୍ତି, ଏହି ଅବସରରେ ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତିର ସମୀକ୍ଷା କରାଯିବା ସହିତ ବିଭିନ୍ନ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଲାଗି ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଉଭୟ ନେତା ନିଜ ନିଜର ପ୍ରତିବଦ୍ଧତା ଦୋହରାଇଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଏସ୍‌ସି-ଡକ୍ଟର୍ସ୍

କୋଭିଡ୍ ନାଇଣ୍ଟିନ୍ ମହାମାରୀ ସମୟରେ କର୍ତ୍ତବ୍ୟରତ ଡାକ୍ତରମାନଙ୍କର ପରିବାରବର୍ଗ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ୫୦ ଲକ୍ଷ ଟଙ୍କାର ବୀମା ରାଶି ପାଇପାରିବେ ବୋଲି ସୁପ୍ରିମ୍‌କୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସର୍ବୋଚ୍ଚ ଅଦାଲତ ଏହି ଯୋଜନାରୁ ଘରୋଇ ଡାକ୍ତରମାନଙ୍କୁ ବାଦ୍ ଦେଇଥିବା ସମ୍ପର୍କିତ ବମ୍ବେ ହାଇକୋର୍ଟ୍‌ଙ୍କ  ଏକ ରାୟକୁ ମଧ୍ୟ ଅଗ୍ରାହ୍ୟ କରିଛନ୍ତି । ବିଚାରପତି ଜଷ୍ଟିସ୍ ପି.ଏସ୍. ନରସିହ୍ମ ଏବଂ ଜଷ୍ଟିସ୍ ଆର୍. ମହାଦେବନ୍‌ଙ୍କୁ ନେଇ ଗଠିତ ବେଞ୍ଚ୍ ଏହି ରାୟ ଦେଇଛନ୍ତି ।

ଅଦାଲତ କହିଛନ୍ତି, ମହାମାରୀ ନିୟମ ଏବଂ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଡାକ୍ତରମାନଙ୍କ ସେବା ଏହି ପରିଧିରେ ଆସୁଛି । ମହାମାରୀ ସମୟରେ ଆଗଧାଡ଼ିର କର୍ମୀମାନଙ୍କ ଲାଗି ମଧ୍ୟ ଏହି ବୀମା ଯୋଜନା ଉଦ୍ଦିଷ୍ଟ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ୨୦୨୦ ମସିହାରେ ମୁମ୍ବାଇର ଥାନେରେ ଏକ ଘରୋଇ ଡାକ୍ତରଙ୍କର ମୃତ୍ୟୁ ପରେ ତାଙ୍କର କ୍ଲିନିକ୍ କୋଭିଡ୍ ନାଇଣ୍ଟିନ୍ ହସ୍ପିଟାଲ୍ ରୂପେ ସ୍ୱୀକୃତପ୍ରାପ୍ତ ନ ହୋଇଥିବା ଦୃଷ୍ଟିରୁ ଏହି ବୀମା ରାଶି ତାଙ୍କୁ ପ୍ରଦାନ କରାଯାଇ ନ ଥିଲା । ସମ୍ପୃକ୍ତ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ୍ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୫ ତାରିଖଠାରୁ ଜୋର୍ଡ଼ାନ୍, ଇଥିଓପିଆ ଓ ଓମାନ୍‌କୁ ୪ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଜୋର୍ଡ଼ାନ୍ ଗସ୍ତ କରିବେ । ଜୋର୍ଡ଼ାନ୍‌ର ରାଜା ଅବଦୁଲ୍ଲା-୨ ବିନ୍ ଅଲ୍ ହୁସେନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ସେଠାକୁ ଯାଉଛନ୍ତି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଏବଂ ଜୋର୍ଡ଼ାନ୍‌ର ରାଜା ମିଳିତ ଭାବେ ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରିବା ସହିତ ବିଭିନ୍ନ ଆଞ୍ଚଳିକ ସମସ୍ୟା ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ଓ ଜୋର୍ଡ଼ାନ୍ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱାରା ଆପୋଷ ଅଭିବୃଦ୍ଧି ଓ ସମୃଦ୍ଧି

ଲାଗି ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବାରେ ସହାୟକ ହେବା ସହିତ ଆଞ୍ଚଳିକ ଶାନ୍ତି, ସମୃଦ୍ଧି, ସ୍ଥିରତା ଓ ସୁରକ୍ଷା ବଜାୟ ରଖିବା ଦିଗରେ ଭାରତର ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି ।

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରଠାରୁ ଶ୍ରୀ ମୋଦୀ ୧୬ ତାରିଖ ଦିନ ଇଥିଓପିଆକୁ ପ୍ରଥମ ଗସ୍ତ କରିବେ । ତାଙ୍କ ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଆବିର୍ ଅହମ୍ମଦ୍ ଅଲ୍ଲୀଙ୍କ ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରୁଛନ୍ତି । ଏହି ଅବସରରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଦ୍ୱିପକ୍ଷିୟ ସମ୍ପର୍କକୁ ବିଭିନ୍ନ କ୍ଷେତ୍ରରେ ସମ୍ପ୍ରସାରଣ କରିବା ଉପରେ ଆଲୋଚନା କରିବେ । ଗ୍ଲୋବାଲ୍ ସାଉଥ୍ର ଭାଗିଦାରୀ ହୋଇଥିବା ଦୃଷ୍ଟିରୁ ନିବିଡ଼ ବନ୍ଧୁତ୍ୱ ଏବଂ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ଦେଶର ପ୍ରତିବଦ୍ଧତା ଏହାଦ୍ୱାରା ପ୍ରତୀୟମାନ ହେଉଛି ।

ଗସ୍ତର ଶେଷ ପର୍ଯ୍ୟାୟରେ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଓମାନ୍ର ସୁଲତାନ୍ ହାଇଥାମ୍ ବିନ୍ ତାରିଖ୍ଙ୍କ ନିମନ୍ତ୍ରଣ କ୍ରମେ ସେହି ଦେଶ ଗସ୍ତ କରିବେ । ଏହା ହେଉଛି ଶ୍ରୀ ମୋଦୀଙ୍କର ଦ୍ୱିତୀୟ ଓମାନ୍ ଗସ୍ତ । ଏହି ଗସ୍ତ ଅବସରରେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷିୟ ରଣନୈତିକ ଭାଗିଦାରୀର ସମୀକ୍ଷା କରିବେ । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପୂର୍ତ୍ତିର ୭୦ ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱ ବହନ କରେ ।

# ଏମ୍‌ପି-ନକ୍ସଲ ଫ୍ରି

ମଧ୍ୟପ୍ରଦେଶକୁ ନକ୍ସଲ ମୁକ୍ତ ରାଜ୍ୟ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଘୋଷଣା କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କର ମାର୍ଗଦର୍ଶନରେ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଲକ୍ଷ୍ୟ ନେଇ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଫଳରେ ଏହି ସଫଳତା ମିଳିଛି । ବାଲାଘାଟ ଜିଲ୍ଲାରେ ଦୁଇ ଜଣ ମାଓବାଦୀଙ୍କର ଆତ୍ମସମର୍ପଣ ଅବସରରେ 'ପୁନଃ ଥଇଥାନ୍‌ରୁ ନବଯୌବନ ପ୍ରାପ୍ତି' ଅଭିଯାନ ଅଧୀନରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଭୋପାଳରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ଯାଦବ ଏହା କହିଛନ୍ତି । ସୁରକ୍ଷା କର୍ମଚାରୀଙ୍କ ଅଦମ୍ୟ ସାହସ ଓ ତ୍ୟାଗ ଯୋଗୁଁ ନକ୍ସଲ ପ୍ରଭାବିତ ବାଲାଘାଟକୁ ଏଥିରୁ ମୁକ୍ତ କରାଯାଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଜିଲ୍ଲାର ବିର୍ସାଥାନା ଅଧୀନସ୍ଥ କୋର୍‌କା ସ୍ଥିତ ସି.ଆର୍‌.ପି.ଏଫ୍‌. କ୍ୟାମ୍ପ୍‌ରେ ଗତକାଲି ଦୀପକ ଓ ରୋହିତ ଆତ୍ମସମର୍ପଣ କରିଛନ୍ତି । ଦୀପକ ଲାଗି ୨୯ ଲକ୍ଷ ଏବଂ ରୋହିତ ଲାଗି ୧୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସମାଜର ମୁଖ୍ୟ ସ୍ରୋତକୁ ପ୍ରତ୍ୟାବର୍ତ୍ତନ କରିବା ଆଶାରେ ଉଭୟ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ବୋଲି ବାଲାଘାଟ ଏସ୍‌.ପି. ଆଦିତ୍ୟ ମିଶ୍ରା କହିଛନ୍ତି ।

# ଲୋକସଭା-ଗ୍ୟାସ୍ ସବ୍‌ସିଡି

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷଲାଗି ୧୪ କିଲୋ ୨୦୦ ଗ୍ରାମ୍ ସିଲିଣ୍ଡର ପିଛା ହିତାଧିକାରୀଙ୍କୁ ୩୦୦ ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଗତକାଲି ଲୋକସଭାର ପ୍ରଶ୍ନକାଳରେ ଏକ ପ୍ରଶ୍ନର ଉତ୍ତର ଦେଇ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହର୍‌ଦୀପ ସିଂହ ପୁରୀ ଏହା କହିଛନ୍ତି । ଶ୍ରୀ ପୁରୀ କହିଛନ୍ତି, ବାର୍ଷିକ ୯ଟି ସିଲିଣ୍ଡର ଲାଗି ଏହି ରିହାତି ପ୍ରଦାନ କରାଯାଉଛି । ଦେଶରେ ସ୍ୱଚ୍ଛ ଶକ୍ତିର ସମ୍ପ୍ରସାରଣ ଦିଗରେ ସରକାରଙ୍କ ପ୍ରତିବଦ୍ଧତାସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ପିଏମ୍-ଏନ୍‌ଡିଏ ସ୍ପେସାଲ୍ ଡିନର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରାତିରେ ତାଙ୍କର ନୂଆଦିଲ୍ଲୀ ସରକାରୀ ବାସଭବନରେ ଏନ୍.ଡି.ଏ. ସାଂସଦମାନଙ୍କ ଲାଗି ଏକ ସ୍ୱତନ୍ତ୍ର ନୈଶ୍ୟ ଭୋଜିର ଆୟୋଜନ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ସୁ-ଶାସନ, ଜାତୀୟ ବିକାଶ ଏବଂ ଆଞ୍ଚଳିକ ଆକାଂକ୍ଷା ପୂରଣ କରିବା ଦିଗରେ ଏନ୍.ଡି.ଏ. ପରିବାରର ଏହା ହେଉଛି ମିଳିତ ପ୍ରତିବଦ୍ଧତା । ଆଗାମୀ ବର୍ଷରେ ଜାତୀୟ ବିକାଶ ଯାତ୍ରାରେ ନିଜକୁ ସାମିଲ କରିବା ସହ ଦେଶକୁ ଅଧିକ ସଶକ୍ତ କରିବା

ଲାଗି ଏନ୍.ଡି.ଏ. ମିଳିତ ଭାବେ କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## କେରଳ ଫିଲ୍ମ ଫେଷ୍ଟିଭାଲ୍

୩୦ତମ ଆନ୍ତର୍ଜାତିକ କେରଳ ଚଳଚ୍ଚିତ୍ର ମହୋତ୍ସବ ଆଜିଠାରୁ ଥିରୁବନନ୍ତପୁରମ୍‌ରେ ଆରମ୍ଭ ହେଉଛି । ଟୋକିଓ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ବିଜେତା 'ପାଲେଷ୍ଟାଇନ୍ ୩୬' ଆଜି ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶୀତ ହେବ । କେରଳ ରାଜ୍ୟ ଚଳଚ୍ଚିତ୍ର ଏକାଡେମୀ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ୮ ଦିନିଆ ମହୋତ୍ସବରେ ୨୬ଟି ବର୍ଗରେ ୮୨ଟି ଦେଶର ୨୦୬ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଆଜି ପ୍ରଥମ ଦିନରେ ବିଭିନ୍ନ ସ୍ଥାନରେ ୧୧ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପୀୟୂଷ ଗୋୟଲ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗତକାଲି ମୁମ୍ବାଇ ଠାରେ ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରୀ ଆଣ୍ଟୋନିଓ ତାଜାନିଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଦୁଇ ଦେଶ ମଧ୍ୟରେ ରଣନୈତିକ

ଭାଗିଦାରୀକୁ ଅଧିକ ସଶକ୍ତ କରିବା, ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳକୁ ସଂପ୍ରସାରିତ କରିବା, ସବୁଜ ଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ଆଲୋଚନା କରାଯାଇଛି ।

# କ୍ରିକେଟ୍

ଚଣ୍ଡିଗଡ଼ ଠାରେ ଗତକାଲି ରାତିରେ ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ୫୧ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୧୩ରନ୍ କରିଥିଲା । ଦଳ ପକ୍ଷରୁ କ୍ୱିଣ୍ଟନ୍ ଡି'କକ୍ ସର୍ବାଧିକ ୯୦ରନ୍ କରିଥିଲେ । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ୨୧୪ରନ୍ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୫ଟି ବଲ୍ ବାକି ଥାଇ ୧୬୨ରନ୍‌ର ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ତିଲକ ବର୍ମା ସର୍ବାଧିକ ୬୨ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକାର ଓଟନିଲ୍ ବାର୍ଥମାନ୍ ୪ଟି ୱିକେଟ୍ ଅକ୍ତିଆର କରିଥିଲେ । କ୍ୱିଣ୍ଟନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍‌ର କଟକଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା । ବର୍ତ୍ତମାନ ଏହି ସିରିଜ୍ ୧-୧ରେ ବରାବର ରହିଛି ।